ଶ୍ରୀ ମେହବୁବ୍ ଅଲ୍ଲୀ ଏବଂ ଅନ୍ୟମାନେ

ବନାମ

ଶ୍ରୀମତୀ ହାବିବାନ୍

ସେପ୍ଟେମ୍ବର 14,2006

[ଅରିଜିତ ପଶାୟତ  ଏବଂ ଲୋକେଶ୍ଵର ସିଂ ପାନ୍ତା, ନ୍ୟାୟମୂର୍ତ୍ତିଦ୍ଵୟ]

*ସମ୍ପତ୍ତି ହସ୍ତାନ୍ତର ଅଧିନିୟମ, 1882 - ଧାରା 106 - ବେଦଖଲି ଆବେଦନ ଦାଖଲ - ସୂଚନାର ଆବଶ୍ୟକତା - ଉଚ୍ଚ ନ୍ୟାୟାଳୟ ର ଦୁଇଜଣିଆ ଖଣ୍ଡପୀଠଙ୍କର ନିଷ୍ପତ୍ତି ଉପରେ ନିର୍ଭର କରି ଉଚ୍ଚ ନ୍ୟାୟାଳୟ ର ଏକକ ବିଚାରପତିଙ୍କ ଦ୍ୱାରା ନିଷ୍ପତ୍ତି - ଏହାର ବୈଧତା - ରାୟ ଦିଆଗଲା ଯେ : ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯଶୱନ୍ତ ରାଜ୍ ସୋନିଙ୍କ ମାମଲାରେ ନିର୍ଦ୍ଧାରିତ ନୀତିକୁ ଦୃଷ୍ଟିରେ ରଖି, ମାମଲାକୁ ଫେରାଇ ଦିଆଗଲା - ପୂର୍ବ ଦୃଷ୍ଟାନ୍ତ*

**ଆବେଦନକାରୀ - ଭଡ଼ାଟିଆମାନେ ଆଦେଶ 6 ନିୟମ 17 ସିପିସି ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ ଯାହା ସେମାନଙ୍କୁ ସମ୍ପତ୍ତି ହସ୍ତାନ୍ତର ଅଧିନିୟମ, 1882 ର ଧାରା 106 ଅନୁଯାୟୀ ନୋଟିସ୍ ପ୍ରଦାନ କରି ଜମି ମାଲିକଙ୍କ ଦ୍ୱାରା ପ୍ରଜାସ୍ୱତ୍ୱ ସମାପ୍ତ ନକରିବାକୁ ଏକ ଆପତ୍ତି ରଖିବାକୁ ଅନୁମତି ଦେଇଥିଲା I ପ୍ରକାଶ ମଲଙ୍କ ମାମଲା ଉପରେ ନିର୍ଭର କରି  ଉଚ୍ଚ ନ୍ୟାୟାଳୟ ର ଏକକ ବିଚାରପତିଙ୍କ ଦ୍ୱାରା ଆବେଦନକୁ ଅନୁମତି ଦିଆଯାଇଥିଲା ଯେ ଯଦି ନୋଟିସ ଜାରି ସମ୍ବନ୍ଧୀୟ ଭଡ଼ା ଦସ୍ତାବିଜରେ ସର୍ତ୍ତ ଥାଏ, ତେବେ ଜାରି ପରେ ହିଁ ଉଚ୍ଛେଦ କରାଯାଇପାରିବ।ଫତେହ ଲାଲ୍ ଡାକଙ୍କ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ ପ୍ରକାଶ ମଲଙ୍କ ମାମଲାକୁ ରଦ୍ଦ କରିଦେଲେ I ଉତ୍ତରଦାତା-ଜମି ମାଲିକ ଏକ ଆବେଦନ ଦାଖଲ କଲେ I ଫତେହ ଲାଲ୍ ଡାକ୍ ଙ୍କ ମାମଲାକୁ ଅନୁସରଣ କରି , ଉଚ୍ଚ ନ୍ୟାୟାଳୟ ର ଏକକ ବିଚାରପତି ଏହି ଆବେଦନକୁ ଅନୁମତି ଦେଲେ I ତେଣୁ ବର୍ତ୍ତମାନର ଏହି  ଆବେଦନ I**

**ଆବେଦନକୁ ଅନୁମତି ଦେଇ ଏବଂ ମାମଲାଟିକୁ ଉଚ୍ଚ ନ୍ୟାୟାଳୟ କୁ ଫେରାଇ ଦେଇ , ଏହି ନ୍ୟାୟାଳୟ :**

**ରାୟ ଦେଲେ ଯେ : ଉଚ୍ଚ ନ୍ୟାୟାଳୟ ଫତେହ ଲାଲଙ୍କ ମାମଲାର ନିଷ୍ପତ୍ତି ଉପରେ ନିର୍ଭର କରି ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦେଲେ I ଯଶୱନ୍ତ ରାଜ୍ ସୋନିଙ୍କ ମାମଲାରେ ନିର୍ଦ୍ଧାରିତ ନୀତିକୁ ଧ୍ୟାନରେ ରଖି ଉଚ୍ଚ ନ୍ୟାୟାଳୟ ଏହି ମାମଲାର ପୁଣି ଥରେ ଶୁଣାଣି କରିବା ଉପଯୁକ୍ତ ହେବ ଯେ ବେଦଖଲ ଆବେଦନ ଦାଖଲ ପୂର୍ବରୁ ସୂଚନା ଜାରି କରିବାର କୌଣସି ଆଇନଗତ ଆବଶ୍ୟକତା ନାହିଁ; ଏବଂ ସୂଚନା ସମ୍ବନ୍ଧରେ, ଏକମାତ୍ର ଆବଶ୍ୟକତା ଯଦି ଆଦୌ, ଭଡ଼ା ରସିଦର ପଛ ଭାଗରେ ମୁଦ୍ରିତ ସର୍ତ୍ତରୁ ଉତ୍ପନ୍ନ ହୁଏ, ଯାହା ଆମ ମତରେ ପକ୍ଷ ମାନଙ୍କ ମଧ୍ୟରେ ଏକ ରାଜିନାମା ଯାହା ବେଦଖଲି ଆବେଦନ ଦାଖଲ ନିମିତ୍ତ ଏକ ସୂଚନାର ଆବଶ୍ୟକତାକୁ ନିର୍ଦ୍ଧାରଣ କରିଛି ବୋଲି କୁହାଯାଇ ପାରିବ ନାହିଁ I ଏହିପରି, ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ରଦ୍ଦ କରି ଦିଆଯାଏ ଏବଂ ନୂତନ ବିଚାର ପାଇଁ ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦିଆଯାଏ I**

** ପ୍ରକାଶ ମଲ୍ ଏବଂ ଅନ୍ୟମାନେ ବନାମ ଯଶୱନ୍ତ ରାଜ୍ ସୋନି* **RLW, (2000) 2 Raj. 1227** ; ** * ଫତେହ ଲାଲ୍ ଡାକ୍ ବନାମ ଶେଷମଲ୍* , **(2002) 2 CDR 1686 (Raj.)** ଏବଂ ** * * ଯଶୱନ୍ତ ରାଜ୍ ସୋନି ବନାମ ପ୍ରକାଶ ମଲ୍* , **[2005] 8 SCC 38,** ମାମଲା ଗୁଡିକୁ ସୂଚିତ କରାଗଲା I

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 4138/2006

S.B.C.M.A. ସଂଖ୍ୟା 17/2004 ରେ ଯୋଧପୁର ସ୍ଥିତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 30.8.2005 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ I

ଆବେଦନକାରୀଙ୍କ ପାଇଁ ବି. ଡି. ଶର୍ମା ଏବଂ ଦୀପ୍ ଶିଖା ଭାରତୀ I

ଉତ୍ତରଦାତାଙ୍କ ପାଇଁ ରାଣୀ ଛାବ୍ରା I

ନ୍ୟାୟାଳୟର ରାୟ **ନ୍ୟାୟାମୂର୍ତ୍ତି ଅରିଜିତ ପଶାୟତ**ଙ୍କ ଦ୍ୱାରା ପ୍ରଦାନ କରାଗଲା I

ଏହି ଆବେଦନରେ ଆପତ୍ତି ହେଉଛି ଯୋଧପୁର ସ୍ଥିତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ର ଜଣେ ବିଦ୍ୱାନ ଏକକ ରାୟପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟର ବୈଧତା ଯାହା ଦେୱାନୀ ପ୍ରକ୍ରିୟା ସଂହିତାର 1908 (ସଂକ୍ଷେପରେ 'ସି. ପି. ସି.') ର ଆଦେଶ XLIII ର ନିୟମ 1 ( U) ଅନୁଯାୟୀ

ଦାଖଲ ହୋଇଥିବା ଦେୱାନୀ ବିବିଧ ଆବେଦନ । ଏହି ଆବେଦନରେ ଜଡିତ ଏକମାତ୍ର ବିବାଦ ହେଉଛି କି ପ୍ରଥମ ଆପୀଲିୟ ନ୍ୟାୟାଳୟ ଦେୱାନୀ ପ୍ରକ୍ରିୟା ସଂହିତାର ଆଦେଶ VI ର ନିୟମ 17 ଅନୁଯାୟୀ ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦେଇପାରିଥାନ୍ତେ ଏବଂ ସମ୍ପତ୍ତି ହସ୍ତାନ୍ତର ଅଧିନିୟମ ର 106 (ସଂକ୍ଷେପରେ 'ଟି. ପି. ଅଧିନିୟମ') ଅନୁଯାୟୀ ସୂଚନା ଜାରି କରି ଜମି ମାଲିକଙ୍କ ଦ୍ୱାରା ପ୍ରଜାସତ୍ତ୍ୱ ସମାପ୍ତ ନହେବା ସମ୍ବନ୍ଧୀୟ ଆବେଦନ କରିବାକୁ ପ୍ରତିବାଦୀ - ଭଡ଼ାଟିଆଙ୍କୁ ଅନୁମତି ଦେଇପାରିଥାନ୍ତେ । ପ୍ରକାଶ ମଲ୍ ଏବଂ ଅନ୍ୟମାନେ ବନାମ ଯଶୱନ୍ତ ରାଜ୍ ସୋନି ମାମଲା ଯାହା (RLW 2000 (2) Raj. 1227) ଉଲ୍ଲିଖିତ ହୋଇଥିଲା ସେଥିରେ ଏକକ ବିଚାରପତି ଙ୍କ ଦ୍ୱାରା ଦିଆଯାଇଥିବା ରାୟ ଆଧାରରେ ପ୍ରଥମ ଆପୀଲିୟ ନ୍ୟାୟାଳୟ ସଂଶୋଧନକୁ ଅନୁମତି ଦେଇଥିଲେ , ଯେଉଁଥିରେ ରାୟ ଦିଆଗଲା ଯେ ଭାଡ-ଦଲିଲରେ ଯଦି ସୂଚନା ଜାରି କରିବା ନିମିତ୍ତ ଏକ ସର୍ତ୍ତ ଥାଏ , ତେବେ ସମ୍ପତ୍ତି ହସ୍ତାନ୍ତର ଅଧିନିୟମର ଧାରା 106 ଅନୁଯାୟୀ ବେଦଖଲି ମକଦ୍ଦମାକୁ ସୂଚନା ଜାରି ହେବା ପରେ ହିଁ ବଜାୟ ରଖାଯାଇପାରିବ ।

ଉକ୍ତ ଆକ୍ଷେପିତ ରାୟରେ ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କଲେ ଯେ ପ୍ରକାଶ ମଲଙ୍କ ମାମଲାରେ (ଉପରୋକ୍ତ) ରାୟକୁ ଫତେ ଲାଲ୍ ଡାକ୍ ବନାମ ଶେଷମଲ୍, (2002) 2 CDR 1686 (Raj.) ମାମଲାରେ ଉଚ୍ଚ ନ୍ୟାୟାଳୟ ର ଏକ ଦୁଇଜଣିଆ ଖଣ୍ଡପୀଠ ବଦଳାଇ ଦେଇଥିଲେ । ଫତେହ ଲାଲ୍ ଙ୍କ ମାମଲାରେ (ଉପରୋକ୍ତ) ଦୁଇ ଜଣିଆ ଖଣ୍ଡ ପୀଠଙ୍କର ରାୟ ଏବଂ ଆଦେଶ ପରେ ଆବେଦନକୁ ଅନୁମତି ଦିଆଗଲା ।

ଆବେଦନକୁ ସମର୍ଥନ କରି, ଆବେଦନକାରୀଙ୍କ ବିଦ୍ୱାନ ପରାମର୍ଶଦାତା ଦାଖଲ କଲେ ଯେ ଯଶୱନ୍ତ ରାଜ୍ ସୋନି ବନାମ ପ୍ରକାଶ ମଲ୍, [2005] 8 SCC 38. ମାମଲାରେ ଏହି ନ୍ୟାୟାଳୟଙ୍କର ରାୟକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗ ଆଉ ନିଷ୍ପତ୍ତି ନହୋଇଥିବା ବସ୍ତୁ ନୁହେଁ ।ତେଣୁ ଏହା ଉପସ୍ଥାପିତ ହୋଇଥିଲା ଯେ ଉଚ୍ଚ ନ୍ୟାୟାଳୟଙ୍କର ମତ ସ୍ପଷ୍ଟ ଭାବରେ ସମର୍ଥନୀୟ ନୁହେଁ ।

ଏହାର ଉତ୍ତରରେ, ଉତ୍ତରଦାତାଙ୍କ ବିଦ୍ୱାନ ପରାମର୍ଶଦାତା କହିଥିଲେ ଯେ ଯଦିଓ ପ୍ରକାଶ ମଲ୍ ଙ୍କ ମାମଲା (ଉପରୋକ୍ତ), ଯଶୱନ୍ତ ରାଜ୍ ସୋନିଙ୍କ ମାମଲାରେ (ଉପରୋକ୍ତ) ଏହି ନ୍ୟାୟାଳୟର ବିଚାରର ବିଷୟ ଥିଲା, କିନ୍ତୁ ଏଠାରେ ବାସ୍ତବ ପରିଦୃଶ୍ୟ ଭିନ୍ନ ଅଟେ ।

ଯଶୱନ୍ତ ରାଜ୍ ସୋନିଙ୍କ ମାମଲାରେ (ଉପରୋକ୍ତ) ଅଣୁଚ୍ଛେଦ 5 ଏବଂ 6 ନିମ୍ନରେ ଦିଆଗଲା :

"5. ଦ୍ୱିତୀୟ ମାମଲାରେ ଭଡ଼ା ସୂଚନା ଅନୁଯାୟୀ ଆବଶ୍ୟକତା ହେଉଛି : "'ଖାଲି କରିବାକୁ କୁହାଯିବାରୁ ଏବଂ '.' କୁ ଏପରି କରିବାକୁ କୁହାଯିବାରୁ ' ବେଦଖଲି ଆବେଦନ ର ଦାଖଲ ପୂର୍ବରୁ ଲିଖିତ ସୂଚନାର କୌଣସି ଆବଶ୍ୟକତା ନାହିଁ । ଅଭିଯୋଗରେ ଜମି ମାଲିକଙ୍କ ମାମଲା ହେଉଛି ଯେ ସେ ବେଦଖଲି ଆବେଦନ ଦାଖଲ ପୂର୍ବରୁ ଘର ଖାଲି କରିବାକୁ ଭଡ଼ାଟିଆଙ୍କୁ ସୂଚନା ଦେଇଥିଲେ।ଅବଶ୍ୟ, ଭଡ଼ାଟିଆ ଲିଖିତ ବିବୃତିରେ ଏହାକୁ ଅସ୍ୱୀକାର କରିଥିଲେ । ଏହି ସର୍ତ୍ତ ବାସ୍ତବରେ ପୂରଣ ହୋଇଛି କି ନାହିଁ ତାହା ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି ନେବାକୁ ଏକ ତଥ୍ୟଗତ ପ୍ରଶ୍ନ ଅଟେ । ପକ୍ଷମାନଙ୍କ ପରାମର୍ଶଦାତା ସୂଚନା ଦେଇଛନ୍ତି ଯେ ଏହି ମାମଲା ବିଚାର କ୍ଷେତ୍ରକୁ ଯାଇନାହିଁ । ତେଣୁ, ଯେଉଁ ପର୍ଯ୍ୟନ୍ତ ଦ୍ୱିତୀୟ ମାମଲା ଟି ଜଡ଼ିତ, ପକ୍ଷମାନଙ୍କୁ ଏହା ସମ୍ବନ୍ଧରେ ପ୍ରମାଣ ଉପସ୍ଥାପନ କରିବାକୁ ଅନୁମତି ଦେବା ପରେ ବିଚାର କରୁଥିବା ନ୍ୟାୟାଳୟ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବେ । ତେଣୁ, ବେଦଖଲ ମକଦ୍ଦମା ବିଚାର କ୍ଷେତ୍ର ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ଆଡକୁ ଅଗ୍ରସର ହେବା ଆବଶ୍ୟକ ।

6. ଉତ୍ତରଦାତା - ଭଡ଼ାଟିଆଙ୍କ ପାଇଁ ବିଦ୍ୱାନ ପରାମର୍ଶଦାତା ଯୁକ୍ତି କରିବାକୁ ଚେଷ୍ଟା କରିଥିଲେ ଯେ ରାଜସ୍ଥାନ ପରିସର (ଭଡ଼ା ଏବଂ ବେଦଖଲ ନିୟନ୍ତ୍ରଣ) ଅଧିନିୟମ, 1950 ର ଧାରା 28 କୁ ଦୃଷ୍ଟିରେ ରଖି ସମ୍ପତ୍ତି ହସ୍ତାନ୍ତର ଅଧିନିୟମ ର ଧାରା 106 ର ପ୍ରାବଧାନ ବର୍ତ୍ତମାନ ମାମଲାର ତଥ୍ୟ ଉପରେ ଲାଗୁ ହେବ ଏବଂ ଉକ୍ତ ପ୍ରାବଧାନ ଅନୁଯାୟୀ ଜମି ରୁ ଅପସାରଣ ହେବା ନିମିତ୍ତ ଏକ ସୂଚନା ଦେବା ଆବଶ୍ୟକ ଥିଲା । ଭି. ଧନପାଲଙ୍କ ମାମଲା (ଉପରୋକ୍ତ) ର ଦୃଷ୍ଟିକୋଣରେ ଆମେ ଏହି ତର୍କକୁ ଗ୍ରହଣ କରିବାରେ ଅସମର୍ଥ । ବର୍ତ୍ତମାନର ମାମଲାର ତଥ୍ୟ ଗୁଡିକୁ ଦୃଷ୍ଟିରେ ରଖି କୌଣସି ଆଇନଗତ କିମ୍ବା ବୈଧାନିକ ଆବଶ୍ୟକତା ନାହିଁ । ସୂଚନା ସମ୍ବନ୍ଧରେ, ଏକମାତ୍ର ଆବଶ୍ୟକତା ଯଦି ଆଦୌ, ଭଡ଼ା ରସିଦର ପଛ ଭାଗରେ ମୁଦ୍ରିତ ସର୍ତ୍ତରୁ ଉତ୍ପନ୍ନ ହୁଏ, ଯାହା ଆମ ମତରେ ପକ୍ଷ ମାନଙ୍କ ମଧ୍ୟରେ ଏକ ରାଜିନାମା ଯାହା ବେଦଖଲି ଆବେଦନ ଦାଖଲ ନିମିତ୍ତ ଏକ ସୂଚନାର ଆବଶ୍ୟକତାକୁ ନିର୍ଦ୍ଧାରଣ କରିଛି ବୋଲି କୁହାଯାଇ ପାରିବ ନାହିଁ । ଯାହା ବି ହେଉ, ଉପରେ ଉଲ୍ଲେଖ କରାଯାଇଥିବା ପରି, ଜମି ମାଲିକ ମାନେ ସେହି ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟା କରିଛନ୍ତି । ଯଶୱନ୍ତ ରାଜ୍ ସୋନିଙ୍କ ମାମଲାରେ ସୂଚନାର ଆବଶ୍ୟକତା ପୂରଣ ହୋଇଛି, ଯେପରି ଆମେ

ଉପରେ ଅନୁଧ୍ୟାନ କରିଛୁ, ଯେତେବେଳେ କି ଜବର ଲାଲ ମାମଲାରେ ବିଚାର କରୁଥିବା ନ୍ୟାୟାଳୟ ବିବେଚନା କରିବେ ଯେ ପକ୍ଷମାନଙ୍କ ନେତୃତ୍ୱରେ ପ୍ରମାଣ ଆଧାରରେ ଆବଶ୍ୟକତା ପୂରଣ ହୋଇଛି କି ?

ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦେବା ପାଇଁ ଫତେହ ଲାଲଙ୍କ ମାମଲା (ଉପରୋକ୍ତ) ର ନିଷ୍ପତ୍ତି ଉପରେ ଉଚ୍ଚ ନ୍ୟାୟାଳୟ ନିର୍ଭର କରିଥିଲେ ବୋଲି ଜଣାପଡୁଛି । ଆମ ମତରେ, ଯଶୱନ୍ତ ରାଜ୍ ସୋନିଙ୍କ ମାମଲା (ଉପରୋକ୍ତ) ର ଅନୁଚ୍ଛେଦ 5 ଏବଂ 6 ରେ ଦିଆଯାଇଥିବା ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଏହି ମାମଲାର ପୁନର୍ବାର ଶୁଣାଣି କରିବା ଉପଯୁକ୍ତ ହେବ ।

ତଦନୁସାରେ, ଆମେ ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ରାୟ ଏବଂ ଆଦେଶ ରଦ୍ଦ କରୁଛୁ ଏବଂ ନୂତନ ବିଚାର ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଉଛୁ । ଯେହେତୁ ଏହି ମାମଲା ଦୀର୍ଘ ଦିନ ଧରି ବିଚାରଧୀନ ରହିଛି, ତେଣୁ ଆମେ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରୁଛୁ ଯେ ଏହି ମାମଲାର ଯଥାଶୀଘ୍ର ମାର୍ଚ୍ଚ 2007 ଶେଷ ସୁଦ୍ଧା ସମ୍ଭାବ୍ୟ ସମାଧାନ ପାଇଁ ଚେଷ୍ଟା କରନ୍ତୁ ।

ଉପରୋକ୍ତ କ୍ଷେତ୍ର ପର୍ଯ୍ୟନ୍ତ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏନ୍.ଜେ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।